# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**5 July - 2024**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ଦିବ୍ୟାଙ୍ଗମାନେ ସକ୍ଷମ ବ୍ୟକ୍ତିଙ୍କ ଦକ୍ଷତା ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି; କହିଲେ, କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ବିଏଲ୍ ବର୍ମା

- ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ସାମିଲ ହୋଇ ଚାରା ରୋପଣ କରିବା ଅଭିଯାନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେଲେ ଆହ୍ୱାନ

- ବିଜୟ ପାଲ ସିଂ ତୋମାର ବିଜେପିର ପ୍ରଭାରୀ ଏବଂ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ

ଏବଂ

- ମୌସୁମୀ ପ୍ରଭାବରେ ଆସନ୍ତାକାଲି ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଇଁ ଜାରି ହେଲା ସତର୍କ ସୂଚନା

# ଦିବ୍ୟାଙ୍ଗ ମେଳା

ଦିବ୍ୟାଙ୍ଗମାନେ ସକ୍ଷମ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ଏବଂ ଦକ୍ଷତା କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା କହିଛନ୍ତି ।

କେନ୍ଦ୍ର ସରକାରଙ୍କର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରର କିଟ୍ କ୍ୟାମ୍ପସ୍‌ରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଦିବ୍ୟ କଳା ମେଳା, ଦିବ୍ୟ କଳା ଶକ୍ତି ଓ ଦିବ୍ୟାଙ୍ଗ ଜନ ରୋଜଗାର ମେଳାକୁ ଉଦ୍‌ଘାଟନ କରି ଶ୍ରୀ ବର୍ମା କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ଦିବ୍ୟାଙ୍ଗମାନଙ୍କର ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପଦକ୍ଷେପଗୁଡ଼ିକ ଯୋଗୁଁ ସେମାନଙ୍କର ଦକ୍ଷତା ବିକାଶ ଏବଂ ଆତ୍ମନିଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆସିଛି । ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ମନ୍ତ୍ରୀ ଶ୍ରୀ ବର୍ମା କହିଛନ୍ତି, ଦେଶରେ ୭ ଲକ୍ଷ ଦିବ୍ୟାଙ୍ଗଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ଏହାଛଡା ଓଡ଼ିଶାରେ ୭୮ କୋଟି ଟଙ୍କା ମୂଲ୍ୟର ୧ ଲକ୍ଷ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ଗତ ୧୦ ବର୍ଷ ମଧ୍ୟରେ ଯୋଗାଇ ଦିଆଯାଇଛି ।

ମନ୍ତ୍ରୀ ଶ୍ରୀ ବର୍ମା ଆହୁରି କହିଛନ୍ତି, ରାଜ୍ୟର ୧୯ ହଜାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯାଇଛି ।

ସୂଚନାଯୋଗ୍ୟ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାର ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକ ଭୋକାଲ୍ ଫର୍ ଲୋକାଲ୍ ମାଧ୍ୟମରେ ମେଳାରେ ପ୍ରଦର୍ଶିତ ହେଉଛି।

## ବନ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ରାଜ୍ୟବାସୀ ସାମିଲ ହୋଇ ନିଜ ମା'ଙ୍କ ନାମରେ ଚାରାରୋପଣ କରି ଏହି ଅଭିଯାନକୁ ସାଫଲ୍ୟମଣ୍ଡିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଡୁମ୍ଡୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ରାଜ୍ୟସ୍ତରୀୟ ୭୫ତମ ବନ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ବିଭିନ୍ନ ବନୀକରଣ ଯୋଜନାରେ ରାଜ୍ୟରେ ୨ କୋଟି ୨୦ ଲକ୍ଷ ଚାରା ରୋପଣ କରାଯିବ। ଏଥିସହିତ ୨ କୋଟି ୮୦ ଲକ୍ଷ ଚାରା ହିତାଧିକାରୀ ଓ ଅନୁଷ୍ଠାନଗୁଡ଼ିକୁ ବଣ୍ଟନ କରାଯିବ।

ବଜ୍ରପାତ ରୋକିବାରେ ତାଳ ଗଛ ସହାୟକ ହେଉଥିବାରୁ ଚଳିତ ବର୍ଷ ବନବିଭାଗ ପକ୍ଷରୁ ବ୍ୟାପକ ପରିମାଣରେ ତାଳ ଚାରା ରୋପଣ କରାଯିବ।

ଏହି ଅବସରରେ ଜଙ୍ଗଲ ସୁରକ୍ଷା ଏବଂ ବନୀକରଣରେ ଉଲ୍ଲେଖଯୋଗ୍ୟ କାମ କରିଥିବା ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା ।

## ବନ ମହୋତ୍ସବ-ରାଜ୍ୟପାଳ

ରାଜଭବନ ପରିସରରେ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି । ରାଜ୍ୟପାଳ ରଘୁବର ଦାସ ରାଜଭବନ ପରିସରରେ ଏକ ଚମ୍ପାଫୁଲ ଚାରାରୋପଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମକୁ ଆଧାର କରି ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଚାରା ରୋପଣ କରିବା ପାଇଁ ରାଜ୍ୟପାଳ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ଲୋକସଭା ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କୁଚିଣ୍ଡା ଗସ୍ତ କରିବା ଅବସରରେ ବିଭିନ୍ନ ସରକାରୀ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଆଇଟିଡିଏ ସମ୍ମିଳନୀ କକ୍ଷରେ ହୋଇଥିବା ଆଲୋଚନା ସମୟରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଉପସ୍ଥିତ ଥିଲେ । ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସହଯୋଗ ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ଏବଂ ବ୍ୟକ୍ତିବିଶେଷ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ଧନ୍ୟବାଦ ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ଚାରା ରୋପଣ

ଏକ୍ ପେଡ୍ ମା ' କେ ନାମ୍ କାର୍ଯ୍ୟକ୍ରମରେ **ବୌଦ୍ଧ** ବନଖଣ୍ଡ ମଧୁପୁର ରେଞ୍ଜ୍ ତାଳଗାଁ ଫରେଷ୍ଟ ସେକ୍ସନ କଣ୍ଟିସ୍ୱରଠାରେ ୭୫ ତମ ବନ ମହୋତ୍ସବ ପାଳନ କରାଯାଉଛି । କଣ୍ଟିସ୍ୱର ବନ ଗ୍ରାମ୍ୟ ଜଙ୍ଗଲର ୭ ହେକ୍ଟର ଜାଗାରେ ପ୍ରାୟ ୧୧ ହଜାର ଚାରା ଲଗାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚାରା ରୋପଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ସେହିପରି **କେନ୍ଦ୍ରାପଡା** ତୁଳସୀ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ; ସଂଘ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଇଥିଲା । ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ ଏବଂ କର୍ମଚାରୀ; ଭାଗ ନେଇଥିଲେ ।

## ପ୍ରଭାରୀ ନିଯୁକ୍ତ

ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ରାଜ୍ୟର ପ୍ରଭାରୀ ଓ ସହପ୍ରଭାରୀଙ୍କୁ ନିଯୁକ୍ତ କରାଯାଇଛି । ଓଡ଼ିଶା ବିଜେପିର ପ୍ରଭାରୀ ଦାୟିତ୍ୱ ବିଜୟପାଲ୍ ସିଂ ତୋମାରଙ୍କୁ ଦିଆଯାଇଥିବାବେଳେ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ ମିଳିଛି । ସେହିପରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ କେରଳର ସହପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି । ପୁରୀ ସାଂସଦ ସମ୍ବିତ୍ ପାତ୍ରଙ୍କୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସଂଯୋଜକ ଦାୟିତ୍ୱ ଦିଆଯାଇଥିବା ଦଳ ପକ୍ଷରୁ କୁହାଯାଇଛି ।

## ଓଡ଼ିଶା ଆସିବେ ମହାବଳ ବାଘ

ଓଡ଼ିଶାକୁ ଆଉ ୫ଟି ମହାବଳ ବାଘ ଆସିବା ନେଇ ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଅଗଷ୍ଟ ମାସ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲାର ଦେବ୍ରୀଗଡ ଅଭୟାରଣ୍ୟକୁ ମହାରାଷ୍ଟ୍ରରୁ ୩ଟି ବାଘ ଆସିବେ। ସେହିପରି ଅକ୍ଟୋବର ମାସ ଶେଷ ସୁଦ୍ଧା ସିମିଳିପାଳ ଅଭୟାରଣ୍ୟ ପାଇଁ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ମହାବଳ ବାଘ ଆସିବେ। ଅନ୍ୟପକ୍ଷରେ ବର୍ଷାଋତୁ ପାଇଁ ସିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବନ୍ଦ ରହିଛି।

## ଏମ୍ସ୍‌ରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ୍‌ଠାରେ ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ଭାରତରେ ଏପରି ଅସ୍ତ୍ରୋପଚାର ଦ୍ୱିତୀୟ ଥର ପାଇଁ ହୋଇଥିବା ଏମ୍ସ୍ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ପଶ୍ଚିମବଙ୍ଗର ଜଣେ ବୟସ୍କ ବ୍ୟକ୍ତିଙ୍କ ଖୁପୁରୀର ଉପର ଅଂଶରୁ ପ୍ରାୟ ୭ କେଜି ଓଜନର ଟ୍ୟୁମରକୁ ସଫଳ ଭାବେ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡିଛି।

## ସ୍କୁଲ-ପୋଷାକ

ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ଲାଗି ବିଜ୍ଞପ୍ତି ଜାରି ହୋଇଛି। ୫୦୦ ଟଙ୍କା ମୂଲ୍ୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ୨ ହଳ ଲେଖାଏଁ ପୋଷାକ ପାଇପାରିବେ। ଚଳିତବର୍ଷ ପୋଷାକର ରଙ୍ଗ ଏବଂ ପରିପାଟୀରେ କୌଣସି

ପରିବର୍ତ୍ତନ ହେବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ।  ଛାତ୍ରଙ୍କୁ ଦୁଇ ହଳ ପ୍ୟାଣ୍ଟ ଓ ଧଳା ସାର୍ଟ ଯୋଗାଇ ଦିଆଯିବ । ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଦୁଇହଳ ଫ୍ରକ୍ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କ ପାଇଁ ୧ ହଳ କମିଜ୍, ସାଲୱାର ଓ ଓଢ଼ଣୀ ଯୋଗାଇ ଦିଆଯିବ । ଆସନ୍ତା ୩୦ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରକଳ୍ପ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି ବିତରଣ ପ୍ରକ୍ରିୟାକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶିକା ଅନୁସାରେ ପୋଷାକ ପ୍ରଦାନ କରାଯାଇଛି ବୋଲି ଏକ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି । ପୋଷାକ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ପ୍ରମାଣିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ପ୍ରଶିକ୍ଷଣ ଶିବିର

ବୌଦ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ୩ ଦିନିଆ କ୍ରୀଡାଙ୍ଗନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ବୌଦ୍ଧ ବ୍ଲକର କ୍ରୀଡା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କ୍ରୀଡା ପରିଚାଳନା ଏବଂ ନୂଆ କ୍ରୀଡା ସମ୍ପର୍କରେ ଶିବିରରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ପକ୍ଷରୁ ସୂଚନା ମିଳିଛି । ୧୧ଟି

ଜିଲ୍ଲା ପାଇଁ ଆସନ୍ତାକାଲି ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାର ପାଲଲହଡାଠାରେ ସର୍ବାଧିକ ୫୨ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

**********************************